## ସଂକ୍ଷେପରେ

### ଲୁଟ୍ ଅଭିଯୁକ୍ତଙ୍କୁ ବର୍ଷେ ଜେଲ

**ଢେଙ୍କାନାଳ ଅଫିସ, ୧୬ା୯:** ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ରାଜସିଂହା ଗ୍ରାମରେ ଗତ ଜାନୁୟାରୀରେ ଜଣେ ବୃଦ୍ଧାଙ୍କୁ ଆକ୍ରମଣ କରି ତାଙ୍କ ଘରୁ ଲୁଟ୍ ହୋଇଥିଲା। ଏହି ମାମଲାର ରାୟ ଗୁରୁବାର ଉପଖଣ୍ଡସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ପ୍ରକାଶ ପାଇଛି। ଅଭିଯୁକ୍ତ ପିଣ୍ଟୁ ସାହୁଙ୍କୁ ବିଚାରପତି ସୁଧୀରଞ୍ଜନ ଦାସ ଦୋଷୀ ସାବ୍ୟସ୍ତ କରିବା ସହ ୧ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ମାସେ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ମାମଲାକୁ ସରକାରଙ୍କ ପକ୍ଷରୁ କ୍ୟାଡର ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅନୁଜ୍ଞା ମହାନ୍ତି, ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଉମେଶ ଚନ୍ଦ୍ର ପାଣିଗ୍ରାହୀ, ସୁଶାନ୍ତ ହୋତା ପରିଚାଳନା କରିଥିଲେ। ମାମଲାର ବିବରଣୀ ଅନୁଯାୟୀ, ଗତ ଜାନୁୟାରୀ ୮ରେ ସମ୍ପୃକ୍ତ ବୃଦ୍ଧା ଏବଂ ତାଙ୍କ ବୋହୂଙ୍କୁ ମାଡ଼ ମାରି ଅଭିଯୁକ୍ତ ପିଣ୍ଟୁ ଆଲମିରାରୁ ବଳପୂର୍ବକ ୩୦ ହଜାର ଟଙ୍କା ଏବଂ ଅନ୍ୟ କାଗଜପତ୍ର ନେଇଯାଇଥିଲେ। ଏ ନେଇ ମୋଟଙ୍ଗା ଥାନାରେ ନଂ. ୭/୨୨ରେ ଏକ ମାମଲା ରୁଜୁ କରାଯାଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ଜିଆର୍ କେସ୍ ନଂ. ୪୩/୨୨ର ବିଚାର କରି କୋର୍ଟ ଏହି ରାୟ ଦେଇଛନ୍ତି।

### କେନାଲରେ ବୁଡ଼ି ଚାଷୀ ମୃତ

**ପରଜଙ୍ଗ, ୧୬ା୯(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଦେଇ ଯାଇଥିବା ରେଙ୍ଗାଳି ବାମ କେନାଲରେ ବୁଡ଼ିଯାଇ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବସୁଲେଇ ପଞ୍ଚାୟତ ନିମଡିହ ଦଳିତସାହିର ପ୍ରମୋଦ ନାଏକ (୪୨)। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ଶୁକ୍ରବାର ସକାଳେ ପ୍ରମୋଦ ବିଲକୁ କାମ କରିବାକୁ ଯାଇଥିଲେ। ଫେରିବା ବାଟରେ ରେଙ୍ଗାଳି ବାମପାର୍ଶ୍ୱ ମୁଖ୍ୟ କେନାଲରେ ଗାଧୋଇବା ପାଇଁ ପଶିଥିଲେ। ତେବେ ଗୋଡ଼ ଖସିଯିବାରୁ ସେ ପ୍ରବଳ ସ୍ରୋତରେ ଭାସିଯାଇଥିଲେ। ସେଠାରେ ଉପସ୍ଥିତ ଲୋକେ ଏ ସମ୍ପର୍କରେ ପରିବାରକୁ ଖବର ଦେଇଥିଲେ। ସୂଚନା ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିଥିଲେ। ସନ୍ଧ୍ୟା ୬ଟା ବେଳକୁ ପ୍ରଦୀପଙ୍କ ମୃତଦେହ ଠାବ କରାଯାଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି।

**ବେଆଇନ ଲିଙ୍ଗ ନିରୂପଣ ମାମଲା**

### ବିଚାର ଉପରେ ରହିତାଦେଶ

**ଢେଙ୍କାନାଳ ଅଫିସ, ୧୬ା୯** ବେଆଇନ ଭାବେ ଗର୍ଭସ୍ଥ ଶିଶୁର ଲିଙ୍ଗ ଏବଂ ଗର୍ଭ ନିରୂପଣ କରୁଥିବା ଅଭିଯୋଗରେ ଢେଙ୍କାନାଳର ଶ୍ରୀଜଗନ୍ନାଥ ଘରୋଇ ଚିକିତ୍ସାଳୟରେ ୨୦୧୪ ମେ ୨୮ରେ ଚଢ଼ାଉ କରାଯାଇଥିଲା। ଜିଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ସ୍ୱାସ୍ଥ୍ୟାନୁଷ୍ଠାନର ଅଲଟ୍ରା ସାଉଣ୍ଡ ମେଶିନକୁ ସିଲ୍ କରାଯାଇଥିଲା। ମାମଲାର ବିଚାର କରି ଉପଖଣ୍ଡ ବିଚାର ବିଭାଗୀୟ ଅଦାଲତ ଚିକିତ୍ସାଳୟ ମାଲିକ ମମତା ସାହୁ, ତାଙ୍କ ସ୍ୱାମୀ ବିଜୟ ସାହୁ ଓରଫ୍ ବିକାଶ ଏବଂ ଡାକ୍ତର ଖଗେଶ୍ୱର ବେହେରାଙ୍କୁ ଜୁଲାଇ ୧୬ରେ ୩ ବର୍ଷ ଲେଖାଏ କାରାଦଣ୍ଡ ଓ ୧୦ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ଗଣେଶ୍ୱର ବେହେରାଙ୍କ ନିର୍ଦ୍ଦେଶରେ ଉକ୍ତ ମାମଲାକୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଉମେଶ ଚନ୍ଦ୍ର ପାଣିଗ୍ରାହୀ ପରିଚାଳନା କରିଥିଲେ। ଦଣ୍ଡାଦେଶ ପରେ ସମସ୍ତ ଅଭିଯୁକ୍ତଙ୍କୁ ଜାମିନ ମିଳିଛି। ହାଇକୋର୍ଟ ମାମଲାର ବିଚାର ଉପରେ ରହିତାଦେଶ ପ୍ରଦାନ କରିଥିବା ଜଣାପଡ଼ିଛି।

### ୨୧ ୟୁନିଟ୍ ରକ୍ତ ସଂଗ୍ରହ



**ଢେଙ୍କାନାଳ ଅଫିସ, ୧୬ା୯** ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର ପରିସରରେ 'ୟୁନିଭର୍ସିଆଲ ଏମ୍‌ଇପି ଭୋଲଟାସ୍' ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୨୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପ୍ରକଳ୍ପ ପରିଚାଳକ ରମିତାଭ୍ ମିଶ୍ର, କନିଷ୍ଠ ଯନ୍ତ୍ରୀ ଲିଙ୍ଗରାଜ ନାୟକ, ମନୋରଞ୍ଜନ ବେହେରା, ଟିମ୍ ଲିଡର ସୁରେଶ ସ୍ୱାଇଁ ଅତିଥି ଭାବେ ଯୋଗଦେଇଥିଲେ। ଶିବିରକୁ ସୁରକ୍ଷା ପରିଚାଳକ ସମିବ୍ ରିଆନୀ, ମାନବ ସମ୍ବଳ ବିଭାଗର ସୌରଭ ପରିଡ଼ା, ସୁରକ୍ଷା ଅଧିକାରୀ ଅମୀୟ ପରିଡ଼ା ପରିଚାଳନା କରିଥିବାବେଳେ ଜିଲା ରକ୍ତଭଣ୍ଡାର କର୍ମଚାରୀ ଭୀମସେନ ବେହେରା, ପରମାନନ୍ଦ ପଣ୍ଡା, ଅଜୟ ସ୍ୱାଇଁ ସହଯୋଗ କରିଥିଲେ।

# ଆଇଜିଆଇଟିରୁ ଛାତ୍ର ନିଖୋଜ



ଛାତ୍ରମାନେ କଲେଜ ଗେଟ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

- ପ୍ରକୋଷ୍ଠରୁ ମିଳିଲା ହାତଲେଖା ଚିଠି
- ୱାର୍ଡେନ୍, ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଦାୟୀ କରିଛନ୍ତି
- ଚାପା ଉତ୍ତେଜନା, ଧାରଣାରେ ଛାତ୍ରୀଛାତ୍ର

**ପରଜଙ୍ଗ, ୧୬ା୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ଇନ୍ଦିରା ଗାନ୍ଧୀ ବୈଷୟିକ ଶିକ୍ଷାନୁଷ୍ଠାନ (ଆଇଜିଆଇଟି)ରେ ପଢୁଥିବା ଜଣେ ବି-ଟେକ୍ ଶେଷବର୍ଷ ଛାତ୍ର ନିଖୋଜ ହୋଇଯାଇଛନ୍ତି। ସେ ହେଲେ କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳର ସନ୍ଦୀପ କୁମାର ଜେନା। ସନ୍ଦୀପ ରହୁଥିବା ବ୍ରହ୍ମୋସ ଛାତ୍ରାବାସ ପ୍ରକୋଷ୍ଠରୁ ଏକ ଚିଠି ମିଳିଛି। ସୁପରିଣ୍ଟେଣ୍ଡେଣ୍ଟ ଏବଂ ୱାର୍ଡେନ୍‌ଙ୍କ ଦ୍ୱାରା ମାନସିକ ନିର୍ଯାତନାର ଶିକାର ହୋଇ ଛାତ୍ରଜଣକ ଏଭଳି ପଦକ୍ଷେପ ନେଇଥିବା ଏଥିରେ ଉଲ୍ଲେଖ ରହିଛି। ଘଟଣା ପ୍ରଘଟ ହେବା ପରେ ଶତାଧିକ ଛାତ୍ର ଶିକ୍ଷାନୁଷ୍ଠାନ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିଛନ୍ତି। ଏହି ଘଟଣାକୁ ନେଇ କଲେଜ କ୍ୟାମ୍ପସ୍‌ରେ ଚାପା ଉତ୍ତେଜନା ଲାଗି ରହିଥିବାବେଳେ ପୋଲିସ ପହଞ୍ଚି ବୁଝାଶୁଝା କରୁଛି।

ଉକ୍ତ ଚିଠିରେ ଉଲ୍ଲେଖ ରହିଛି, ଗୁରୁବାର ରାତିରେ ସନ୍ଦୀପ ଆଇଜିଆଇଟି ପରିସରରେ ଥିବା ସୂର୍ଯ୍ୟଭବନରୁ ବ୍ରହ୍ମୋସ ଛାତ୍ରାବାସକୁ ଏକାକୀ ଚାଲି ଚାଲି ଆସୁଥିଲେ। ଏହି ସମୟରେ ନିଶାସକ୍ତ ଅବସ୍ଥାରେ ୱାର୍ଡେନ୍ ରବୀନ୍ଦ୍ର ବେହେରା ଏବଂ ସୂର୍ଯ୍ୟଭବନ ସୁପରିଣ୍ଟେଣ୍ଡେଣ୍ଟ ଉମାକାନ୍ତ ବେହେରା ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ତାଙ୍କ ମା'ଙ୍କୁ ଫୋନ୍ କରି ହଷ୍ଟେଲରୁ ବାହାର କରିଦେବାକୁ ଧମକ ଦେଇଥିଲେ। ଏଥିରେ ମାନସିକ ଭାରସାମ୍ୟ ହରାଇ ସନ୍ଦୀପ ହଷ୍ଟେଲରୁ କୁଆଡ଼େ ପଳାଇଛନ୍ତି। ଯଦି ତାଙ୍କର କିଛି ବି ସୁବିଧା ଅସୁବିଧା ହୁଏ, ତେବେ ଏଥିଲାଗି ୱାର୍ଡେନ୍ ଦାୟୀ ରହିବେ ବୋଲି ଚିଠିରେ ଉଲ୍ଲେଖ ରହିଛି। ଏଥିସହ ଛାତ୍ରଜଣକ ଶେଷରେ 'ସରି ବୋଉ' ଲେଖି ତାଙ୍କ ମା'ଙ୍କୁ କ୍ଷମାପ୍ରାର୍ଥନା କରିଛନ୍ତି।

ହଷ୍ଟେଲର ଜଣେ ଛାତ୍ର ନିଖୋଜ ଥିବା ଜଣାପଡ଼ିବା ପରେ ଅପରାହ୍ନରେ କଲେଜର ବହୁ ଛାତ୍ର ବିକ୍ଷୋଭ ଆରମ୍ଭ କରିଛନ୍ତି। ସମ୍ପୃକ୍ତ ଦୁଇ କର୍ମଚାରୀଙ୍କୁ ତୁରନ୍ତ କାର୍ଯ୍ୟାନ୍ତର କରିବାକୁ ସେମାନେ ଅଡ଼ି ବସିଛନ୍ତି। ଏଥିସହ ନିଖୋଜ ଛାତ୍ରଙ୍କୁ ଖୋଜି ବାହାର କରିବା ଦାବିରେ ଅଟଳ ରହିଛନ୍ତି। ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଛାତ୍ରଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସୁଫଳ ମିଳିନାହିଁ। ଖବର ଲେଖାଯିବା ସୁଦ୍ଧା ଆନ୍ଦୋଳନ ଜାରି ରହିଥିଲା। ଏ ସଂକ୍ରାନ୍ତରେ ସ୍କୁଲ ନିର୍ଦ୍ଦେଶକ ସତ୍ୟବ୍ରତ ମହନ୍ତଙ୍କ ମୋବାଇଲ ନଂ. ୯୪୩୭୨୧୧୫୮୨କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳିନାହିଁ। ସେହିପରି ସରାଙ୍ଗ ଫାଣ୍ଡି ପୋଲିସର ପ୍ରତିକ୍ରିୟା ମଧ୍ୟ ମିଳିପାରିନାହିଁ।



ବାଉଁଶ ହସ୍ତଶିଳ୍ପ କର୍ମଶାଳାରେ ଅତିଥିମାନେ।

# ସାଧନା ଲକ୍ଷ୍ୟସ୍ଥଳରେ ପହଞ୍ଚାଇବ

**ବାଉଁଶ ହସ୍ତଶିଳ୍ପ କର୍ମଶାଳା**

**ଢେଙ୍କାନାଳ ଅଫିସ,୧୬ା୯**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସଦାଶିବପୁର ପଞ୍ଚାୟତର ବଉଲପୁର ଗ୍ରାମରେ ଶୁକ୍ରବାର ଏକଦିବସୀୟ ବାଉଁଶ ହସ୍ତଶିଳ୍ପ କ୍ଲଷ୍ଟରସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ହସ୍ତଶିଳ୍ପ ନର୍ଦ୍ଦେଶାଳୟ ସହଯୋଗରେ ଆୟୋଜିତ ଏହି କର୍ମଶାଳାକୁ ଅତିରିକ୍ତ ଜିଲାପାଳ ଉଦୟ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଭଳି ସୁଯୋଗକୁ ହାତଛଡ଼ା ନ କରିବାକୁ ସେ କାରିଗରଙ୍କୁ ପରାମର୍ଶ ଦେଇଛନ୍ତି। ମୁଖ୍ୟବକ୍ତା ଭାବେ ବ୍ଲକ ଅଧକ୍ଷା ସସ୍ମିତା ମହାନ୍ତି କହିଲେ, ସାଧନା ବଳରେ କାରିଗରମାନେ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ। ହସ୍ତଶିଳ୍ପ ବିକାଶ ଅଧିକାରୀ ମନୋରଞ୍ଜନ ଦାସ କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କ୍ଲଷ୍ଟର ସଂଯୋଜକ ଆଲୋକ ମହାରଣା କାରିଗରଙ୍କ ଉନ୍ନତି ପାଇଁ କାର୍ଯ୍ୟ କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ସହକାରୀ ନିର୍ଦ୍ଦେଶକ ରମାକାନ୍ତ ବେହେରା କାରିଗରଙ୍କୁ ମିଳୁଥିବା ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ଧରିତ୍ରୀ ମଲ୍ଲିକ ଯୋଗ ଦେଇଥିଲେ। ଏହି ଅବସରରେ ଜାତୀୟସ୍ତରୀୟ ନଡ଼ା ଶିଳ୍ପୀ ପ୍ରଦୀପ ନାୟକ ଏବଂ ଡୋକ୍ରା କାଷ୍ଟିଂ ଡିଜାଇନର ସନାତନ ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା। ହସ୍ତଶିଳ୍ପ ଅଧିକାରୀ ଇପ୍‌ସିତା ମହାନ୍ତି, ବରିଷ୍ଠ ସହାୟକ ମାୟାଧର ମଲ୍ଲିକ ଉପସ୍ଥିତ ଥିବାବେଳେ ପାର୍ବତୀ ମାରାଣ୍ଡି ଧନ୍ୟବାଦ ପ୍ରଦାନ କରିଥିଲେ।

# ଡକାୟତି ଯୋଜନାବେଳେ ମାଡ଼ି ବସିଲା ପୋଲିସ

- ନାବାଳକ ସହ ୫ ଗିରଫ, ୨ ଫେରାର
- ମାରଣାସ୍ତ୍ର, ଚୋରା ଗାଡ଼ି ଓ ମୋବାଇଲ ଜବତ

**ଅନୁଗୋଳ ଅଫିସ, ୧୬ା୯**

ଅନୁଗୋଳ ସଦର ଥାନା କୁଇଓ ଜଙ୍ଗଲରେ ବସି ଡକାୟତି ପାଇଁ ଯୋଜନା କରୁଥିବା ଏକ ଗ୍ୟାଙ୍ଗକୁ କାବୁ କରିବାରେ ସଫଳ ହୋଇଛି ପୋଲିସ। ଘଟଣାସ୍ଥଳରୁ ଜଣେ ନାବାଳକ ସହ କରଡ଼ାଗାଡ଼ିଆ ଅଞ୍ଚଳର ନୀଳକଣ୍ଠ ଗୋଚ୍ଛାୟତ (୨୧), ବନ୍ତଳା ଥାନା ପୁରୁଣାଗଡ଼ ଅଞ୍ଚଳର ନିଲାମ ନାଏକ (୧୯), କୁମଣ୍ଡ ଅଞ୍ଚଳର ତ୍ରିଲୋଚନ ନାଏକ (୨୩) ଓ କୁଇଓ ଜଙ୍ଗଲ ଗ୍ରାମର ଆଶିଷ ଗଡ଼ନାୟକ (୩୦)ଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ଖଣ୍ଡା, ଭୁଜାଲି, ଲୁହାଛଡ଼, ୨ଟି ମୋବାଇଲ ଓ ୨ଟି ଚୋରା ମୋଟର ସାଇକେଲ ଜବତ କରାଯାଇଥିବା ଥାନା ଅଧିକାରୀ ସତ୍ୟବ୍ରତ ରାଉତ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ସଦର ଥାନା ଅଞ୍ଚଳରେ ଗୁରୁବାର ରାତିରେ ପଥଚାରିଙ୍କଠାରୁ ଲୁଟ୍‌ପାଟ କରାଯାଇଥିଲା। କାହା ପାଖରୁ ମୋବାଇଲ ଫୋନ୍ ତ ଆଉ କାହା ନିକଟରୁ ଟଙ୍କା ଲୁଟି ନିଆଯାଇଥିଲା। ଏ ନେଇ ଲୁଟ୍‌ର ଶିକାର ହୋଇଥିବା ନିଶା ଥାନା ପରଙ୍ଗ ଗ୍ରାମର ସୁମନ୍ତ ପରିଡ଼ା ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୭୨୩/୨୨ରେ ମାମଲା ରୁଜୁ କରିଥିଲା। ସେହିଭଳି ରାଣୀଗୁଡ଼ା ଅଞ୍ଚଳର ସୁମନ୍ତ ସାହୁଙ୍କ ଅଭିଯୋଗ ଆଧାରରେ ନଂ.୭୨୪/୨୨ରେ ଓ ଟ୍ରକ୍ ଚାଳକ ଶିବାନନ୍ଦ ଗଡ଼ନାୟକଙ୍କ ଅଭିଯୋଗ ଆଧାରରେ ନଂ. ୭୨୭/୨୨ରେ ମାମଲା ରୁଜୁ କରାଯାଇଥିଲା। ଲୁଟ୍‌ପାଟ କରିଥିବା ଗ୍ୟାଙ୍ଗର ସଦସ୍ୟମାନେ କୁଇଓ ଜଙ୍ଗଲରେ ଏକାଠି ହୋଇଥିବା ଖବରପାଇ ଏସ୍‌ଆଇ ତୁଷାରକାନ୍ତ ମହାନ୍ତି ଚଢ଼ାଉ କରି ୫ ଜଣଙ୍କୁ ଧରିଥିବାବେଳେ ୨ ଜଣ ଚମ୍ପଟ ମାରିଥିଲେ। ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାର ତଦନ୍ତ ଏସ୍‌ଆଇ ଆଶିଷ କୁମାର ସ୍ୱାଇଁ କରୁଛନ୍ତି।

# ସମସ୍ୟା ସମାଧାନ ପ୍ରତିଶ୍ରୁତି ଦେଲେ ବିଧାୟକ

**କଣିହାଁ,୧୬ା୯(ଡି.ଏନ.ଏ.)**

ପାଲଲହଡା ବିଧାୟକ ମୁକେଶ ପାଲ ଶୁକ୍ରବାର କଣିହାଁ ବ୍ଲକ ଗସ୍ତ କରିଥିଲେ। ବିଧାୟକ ପ୍ରଥମେ ରେଙ୍ଗାଳି ଶିଶୁ ମନ୍ଦିର ପରିଦର୍ଶନ କରିଥିଲେ। ଏହି ଅବସରରେ ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ପ୍ରଧାନ, ଛାତ୍ରୀଛାତ୍ର ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷାନୁଷ୍ଠାନରେ ଲାଗି ରହିଥିବା ସମସ୍ୟାର ସମାଧାନ କରିବା ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରେଙ୍ଗାଳି ଉଚ୍ଚ ବିଦ୍ୟାଳୟ ପରିଦର୍ଶନରେ ଯାଇ '୫-ଟି' ବିଭାଗ ଅଧୀନ ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଦଲକ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ସମସ୍ୟା ବୁଝିବା ସହିତ ସଂଗ୍ରାମୀ ପବିତ୍ରମୋହନ ପ୍ରଧାନଙ୍କ ଜନ୍ମସ୍ଥାନ ପୋଇପାଳ ଯାଇ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅପରାହ୍ନରେ ବାଲିପଶି ପଞ୍ଚାୟତ ନିଆଲୁ ଗ୍ରାମରେ ବିଶ୍ୱଶାନ୍ତି ଯଜ୍ଞରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପସଭାପତି ରଶ୍ମିତା ସେଠୀ, ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ବିଜେଡି କାର୍ଯ୍ୟକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଉପସ୍ଥିତ ଥିଲେ।



# ଗଣତନ୍ତ୍ର ପ୍ରତିଷ୍ଠାରେ ଗାନ୍ଧୀଙ୍କ ବଡ଼ ଭୂମିକା ଥିଲା

**ଢେଙ୍କାନାଳ ଅଫିସ, ୧୬ା୯**

ଉତ୍କଳ ଫେଡେରେଶନ ଅଫ୍ ୟୁନାଇଟେଡ୍ ନେସନସ୍ ଆସୋସିଏଶନ (ଉଫୁନା) ପକ୍ଷରୁ ଢେଙ୍କାନାଳସ୍ଥିତ ରଥଗଡ଼ା କାର୍ଯ୍ୟାଳୟରେ ମଙ୍ଗଳବାର ବିଶ୍ୱ ଗଣତନ୍ତ୍ର ଦିବସ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ରାଜ୍ୟ ଅଧକ୍ଷ ମନୋରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର ଆଭାସୀ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଥିଲେ। ଭାରତରେ ଗଣତାନ୍ତ୍ରିକ ଶାସନ ପ୍ରତିଷ୍ଠାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ବଡ଼ ଭୂମିକା ରହିଥିଲା ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ପୂର୍ବତନ ବିଚାରପତି ଭିକାରି ଚରଣ ରାଉତ ଯୋଗଦେଇ କହିଲେ, ଗଣତନ୍ତ୍ର ନ ରହିଲେ ଦେଶରେ ଏକଚ୍ଛତ୍ରବାଦୀ ଶାସନ ଚାଲିବ। ମାନବିକ ଅଧିକାର କ୍ଷୁଣ୍ଣ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଡ. ପ୍ରମୋଦ କୁମାର ନାୟକ, ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି ବାହାଦୁର ପାଟସାହାଣୀ, 'ଦେଶ କୀ ବାତ୍' ସଙ୍ଗଠନର ରାଜ୍ୟ ଆବାହକ ସରୋଜ ଶତପଥୀ, ଅବସରପ୍ରାପ୍ତ ଅଧକ୍ଷ ବିଶ୍ୱନାଥ ମହାପାତ୍ର, ପ୍ରଫେସର ସମୀର ସାହୁ, ଇଂ. ଅବିନାଶ ଦାସ, ଇଂ. ଡମ୍ବରୁଧର ପଣ୍ଡା, ପ୍ରଫେସର ଦିଲୀପ ନନ୍ଦ, ଜନସୁରକ୍ଷା ପରିଷଦ ସଭାପତି ବିନାୟକ ଶତପଥୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ବିଚିତ୍ରାନନ୍ଦ ମହାନ୍ତି, ଲଳିତ ବେହେରା, ସ୍ମିତାରାଣୀ ସାମଲ ପ୍ରମୁଖ ପରିଚାଳନା କରିଥିଲେ।

# ଦାନ ଉତ୍ସବରେ ସାମିଲ ହେଲେ ଛାତ୍ରୀଛାତ୍ର


ଦିଲ୍ଲୀ ପବ୍ଲିକ ସ୍କୁଲରେ ଆୟୋଜିତ ସଚେତନତା କର୍ମଶାଳା।

**ଢେଙ୍କାନାଳ ଅଫିସ, ୧୬ା୯**

ଢେଙ୍କାନାଳର ମଣ୍ଟଫୋର୍ଟ ସ୍କୁଲ୍ ଓ ଦିଲ୍ଲୀ ପବ୍ଲିକ୍ ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ କର୍ମଚାରୀମାନେ ଦାନ ଉତ୍ସବ ଅଭିଯାନରେ ସାମିଲ ହୋଇଛନ୍ତି। ଗୁରୁବାର ଆୟୋଜିତ ଏକ ସଚେତନତା କର୍ମଶାଳାରେ 'ଦାନ ଉତ୍ସବ'ର ରାଜ୍ୟ ସଂଯୋଜକ ବିପିନ ମହାନ୍ତି ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରାଇଥିଲେ। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ଅକ୍ଟୋବର ୮ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା 'ଦାନ ଉତ୍ସବ'କୁ ସଫଳ କରିବାକୁ ସେ ନିବେଦନ କରିଛନ୍ତି।

ଚିତ୍ରାଙ୍କନ, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ମାଧ୍ୟମରେ 'ଜୟ ଅଫ୍ ଗିଭିଂ' ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯିବ ବୋଲି ମଣ୍ଟଫୋର୍ଟ ସ୍କୁଲ୍ ଅଧକ୍ଷ ଫାଦର ଫିଲିପ୍ସ ସୂଚନା ଦେଇଥିଲେ। ଦିଲ୍ଲୀ ପବ୍ଲିକ ସ୍କୁଲ୍ ଅଧକ୍ଷ ବିଜୟ କୁମାର ସାହୁ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି। 'ଦାନ ଉତ୍ସବ' ପାଳନ ସମୟରେ ଦଶହରା ଛୁଟି ଥିବାରୁ ଛାତ୍ରୀଛାତ୍ରଙ୍କୁ ହୋମୱାର୍କ ଏବଂ ବିବିଧ କାର୍ଯ୍ୟକ୍ରମ ମାଧ୍ୟମରେ ଏଥିପ୍ରତି ସଚେତନ କରାଯାଉଥିବା ସେ କହିଛନ୍ତି। 'ଦାନ ଉତ୍ସବ'ରେ ଜିଲା ସଂଯୋଜକ ରାଜକିଶୋର ବେହେରା, ଅବିନାଶ ସାହୁ, ସୁଜିତ୍ ରାଉତ, ସ୍ୱପ୍ନା ଜେମ୍‌ସ, କାଦମ୍ବରୀ ମହାଖୁଡ, ଚିନ୍ମୟ ଜେନା, ପିନାକୀ ଦାସ, ମନୋଜ ସାହୁ, ନିହାର ମହାନ୍ତି, ସୁଜିତ୍ ନନ୍ଦ, ସୌମ୍ୟବ୍ରତ ସାହୁ, ଶୁଭ୍ରାଂଶୁ ଶତପଥୀ, ଶିବ ପ୍ରସାଦ ପଣ୍ଡା, ରଶ୍ମିତା ରଥ, କବିତା ବେହେରା ପ୍ରମୁଖ ଏଥିରେ ସହଯୋଗ କରୁଛନ୍ତି।

# ୧୪ ମାସ ପରେ ପ୍ରଧାନ ଶିକ୍ଷକ ନିଯୁକ୍ତି

**ଭୁବନ, ୧୬ା୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଯମୁନାକୋଟ ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟର ଖାଲି ପଡ଼ିଥିବା ପ୍ରଧାନ ଶିକ୍ଷକ ପଦବୀ ଦୀର୍ଘ ୧୪ ମାସ ପରେ ପୂରଣ ହୋଇଛି। ନୂତନ ପ୍ରଧାନ ଶିକ୍ଷକ ଭାବେ ଖଗେଶ୍ୱର ବେହେରା ଶୁକ୍ରବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସ୍କୁଲ ପରିଚାଳନା କମିଟି, ଅଭିଭାବକ ଏବଂ ଛାତ୍ରୀଛାତ୍ରଙ୍କ ଦାବି ଦୀର୍ଘଦିନ ପରେ ପୂରଣ ହୋଇଥିବାରୁ ଏହାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

ସୂଚନାଯୋଗ୍ୟ, ୨୦୨୧ ଜୁଲାଇରୁ ସ୍କୁଲର ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡ଼ିଥିଲା। ଏହାକୁ ନେଇ ସ୍କୁଲ ପରିଚାଳନାରେ ବ୍ୟାପକ ଅବ୍ୟବସ୍ଥା ହେଉଥିଲା। ଏହାକୁ ନେଇ ଅସନ୍ତୋଷ ତୀବ୍ର ହେବା ପରେ ଶିକ୍ଷା ବିଭାଗର ଚେତା ପଶିଥିଲା। ନୂଆ ଭୁବନ ନୋଡାଲ ହାଇସ୍କୁଲର ସହକାରୀ ଶିକ୍ଷକ ଖଗେଶ୍ୱର ବେହେରାଙ୍କୁ ପଦୋନ୍ନତି ଦିଆଯାଇ ଯମୁନାକୋଟ ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ଏହି ଅବସରରେ ସ୍କୁଲ ପରିଚାଳନା କମିଟି ସଭାପତି ନଗେନ ରାଉତ, ଅନ୍ୟ କର୍ମକର୍ତ୍ତା, ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ, ଛାତ୍ରୀଛାତ୍ର, ଅଭିଭାବକ ଉପସ୍ଥିତ ରହି ନୂତନ ପ୍ରଧାନ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାଦାନ ଦିଗରେ ପ୍ରାଥମିକତା ଦେବାକୁ ପ୍ରଧାନ ଶିକ୍ଷକ ବେହେରା ଅଭିଭାବକଙ୍କୁ ଆଶ୍ୱାସନା ଦେଇଛନ୍ତି।


ନୂତନ ପ୍ରଧାନ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଉଛି।

# ନିଷ୍ଠାପର ହୁଅ, ବୌଦ୍ଧିକ ବିକାଶକୁ ଧ୍ୟାନ ଦିଅ

**ଶିକ୍ଷକ, ଅଧିକାରୀଙ୍କୁ ଜିଲାପାଳଙ୍କ ପରାମର୍ଶ**



ଜିଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଶାସନିକ ଅଧିକାରୀଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୧୬ା୯**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଗୁରୁବାର ଶିକ୍ଷା ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ ଶିକ୍ଷାନୁଷ୍ଠାନରେ ପିଲାଙ୍କୁ ଉତ୍ତମ ଶିକ୍ଷାଦାନ, ସେମାନଙ୍କ ଯାତାୟାତ ଲାଗି ଆବଶ୍ୟକ ସୁବିଧା, ଗୁଣାତ୍ମକ ଶିକ୍ଷା ଏବଂ ନିଷ୍ଠାପର ହୋଇ ପିଲାଙ୍କ ବୌଦ୍ଧିକ ବିକାଶ ଉପରେ ଧ୍ୟାନ ଦେବାକୁ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ନିୟମିତ ଅଭିଭାବକ-ଶିକ୍ଷକ ବୈଠକ କରିବା, '୫-ଟି' ଅନ୍ତର୍ଭୁକ୍ତ ବିଦ୍ୟାଳୟରେ ଇଣ୍ଟରନେଟ ବ୍ୟବସ୍ଥା, ଗରିବ ଓ ମେଧାବୀ ପିଲାଙ୍କୁ ସ୍ୱତନ୍ତ୍ର କୋଚିଂ, ସ୍କୁଲରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି, ଆବଶ୍ୟକ ସ୍ଥଳେ ପିଲାଙ୍କ ପାଇଁ ହଷ୍ଟେଲ ବ୍ୟବସ୍ଥା କରିବା, '୫-ଟି' ସ୍କୁଲକୁ ବିଇଓଙ୍କ ସମେତ ନିର୍ଦ୍ଧାରିତ ୨୩ ଅଧିକାରୀ ଗସ୍ତକରି ତଦାରଖ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଜିଲାର ସମସ୍ତ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ବସ୍ ବ୍ୟବସ୍ଥା କରିବା, ବସ୍‌ରେ ଯାତାୟାତ ବେଳେ ସୁରକ୍ଷା ପ୍ରତି ଯତ୍ନବାନ ହେବାକୁ ଜିଲାପାଳ ଉପସ୍ଥିତ ବସ୍ ମାଲିକମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଯୁକ୍ତ୨ ଓ ଯୁକ୍ତ୩ ଶ୍ରେଣୀ ପାଇଁ ବିଭିନ୍ନ କଲେଜର ଜମି ଅଧିଗ୍ରହଣ, ଶ୍ରେଣୀ ଗୃହ ନିର୍ମାଣ ସମ୍ପର୍କରେ ଜିଲାପାଳ ପ୍ରିନ୍ସିପାଲଙ୍କ ସହିତ ଆଲୋଚନା କରିଛନ୍ତି। ଶିକ୍ଷା ପ୍ରଣାଳୀକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଜିଲାର ସମସ୍ତ ବିଇଓ, ଏବିଇଓଙ୍କୁ ଲାପଟପ୍ ପ୍ରଦାନ କରାଯାଇଥିଲା। ଏଥିପୂର୍ବରୁ ୧୩୬ ସିଆରସିସିଙ୍କୁ ଡେକ୍ସଟପ୍ ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଥିଲା।

'ଇଚ୍ ୱାନ୍ ଟିଚ୍ ୱାନ' କାର୍ଯ୍ୟକ୍ରମରେ ଜିଲାର ୪,୮୭୯ ଶିକ୍ଷକ ୫୬୧୧ଜଣଙ୍କୁ ସାକ୍ଷର କରିବା ଗୌରବର ବିଷୟ ବୋଲି ଜିଲାପାଳ କହିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଉଦୟ ମହାପାତ୍ର, ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ କୁମାର ଦରୱାନ, ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି, ବହୁ ବସ୍‌ମାଲିକ, କଲେଜର ପ୍ରିନ୍ସିପାଲ, ଶିକ୍ଷାଧିକାରୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

